# କୃତ୍ରିମ ବୁଦ୍ଧିମତ୍ତା ଉପରେ ନିୟନ୍ତ୍ରଣ ରହିବା ଜରୁରୀ

- ■୪୫ ବର୍ଷରେ ସନ୍ଧ୍ୟାତାରା ସାହିତ୍ୟ ସଂସଦ
- ■ସାରସ୍ୱତ ମହୋତ୍ସବ ଓ ରାଜ୍ୟସ୍ତରୀୟ ଲେଖକ ସମାବେଶ
- ■ମଣିଷକୁ ଦ୍ରଷ୍ଟା ଓ ସ୍ରଷ୍ଟା କରିବା ସାହିତ୍ୟର ଉଦ୍ଦେଶ୍ୟ

ଢେଙ୍କାନାଳ,୪।୨(ରତନ ନାୟାର)





ସାହିତ୍ୟିକ ସାରଙ୍ଗଧର ମିଶ୍ରଙ୍କୁ ସାରସ୍ୱତ ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଉଛି। ଡ. ସୁଧାଂଶୁ ଷଡ଼ଙ୍ଗୀ ଓ ମନୋରଞ୍ଜନ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କୃତ୍ରିମ ବୁଦ୍ଧିମତ୍ତା ଯେଉଁ ବାଟରେ ଯାଉଛି, ଏହାକୁ ନିୟନ୍ତ୍ରଣ କରିବାର କିଛି ବାଟ ନାହିଁ। ଆତଙ୍କବାଦୀ, ଅପରାଧୀ ସଙ୍ଗଠନରେ ଏହା ପହଞ୍ଚିଲେ ପରିସ୍ଥିତି ଅଧିକ ଭୟଙ୍କର ହେବ। ଏହାର ନିୟନ୍ତ୍ରକ କିଏ ହେବେ ତାହା ପ୍ରଶ୍ନବାଚୀ ହୋଇଛି। ତେଣୁ କୃତ୍ରିମ ବୁଦ୍ଧିମତ୍ତା ଉପରେ ନିୟନ୍ତ୍ରଣ ଜରୁରୀ। ୪୫ ବର୍ଷରେ ରବିବାର ପଦାର୍ପଣ କରିଥିବା ଢେଙ୍କାନାଳର ସନ୍ଧ୍ୟାତାରା ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍‌ଠାରେ ଆୟୋଜିତ ବାର୍ଷିକ ସାରସ୍ୱତ ମହୋତ୍ସବ ଓ ରାଜ୍ୟସ୍ତରୀୟ ଲେଖକ ସମାବେଶରେ ସମ୍ମାନିତ ଆଲୋଚକ ଭାବେ ଯୋଗଦେଇ ଏହା କହିଛନ୍ତି ବିଶିଷ୍ଟ ସ୍ତମ୍ଭକାର ତଥା ରାଜ୍ୟ ଅଗ୍ନିଶମ ସେବା, ଗୃହରକ୍ଷୀ ଓ ବେସାମରିକ ପ୍ରତିରକ୍ଷା ବିଭାଗ ମହାନିର୍ଦ୍ଦେଶକ ଡ. ସୁଧାଂଶୁ ଷଡ଼ଙ୍ଗୀ।

ପୂର୍ବାହ୍ନ ୧୦ଟା ୪୫ରେ ବାର୍ଷିକ ସାରସ୍ୱତ ମହୋତ୍ସବ ଓ ରାଜ୍ୟସ୍ତରୀୟ ଲେଖକ ସମାବେଶର ପ୍ରଥମ ଅଧିବେଶନରେ 'କୃତ୍ରିମ ବୁଦ୍ଧିମତ୍ତା- ସତରେ ମଣିଷ କ'ଣ ହାରିଯିବ କି' ଶୀର୍ଷକ ବୌଦ୍ଧିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାକୁ ସଂସଦର ମୁଖ୍ୟ ଉପଦେଷ୍ଟା ସାହିତ୍ୟିକ ରୁଦ୍ର ପ୍ରସାଦ ମହାନ୍ତି ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଉପସ୍ଥିତ ସମ୍ମାନିତ ଆଲୋଚକ ଡ. ଷଡ଼ଙ୍ଗୀ କହିଲେ, କୃତ୍ରିମ ବୁଦ୍ଧିମତ୍ତା ଆମ ସମାଜରେ ବିଘଟନ ଓ ଅଶାନ୍ତି ସୃଷ୍ଟି କରିଛି। ଯେଉଁ ତଥ୍ୟ ବିନା ମୂଲ୍ୟରେ ମିଳିଯାଉଛି, ତାହାର ଉଦ୍ଦେଶ୍ୟ ଲୋକେ ଜାଣିପାରୁ ନାହାନ୍ତି। ଏହାକୁ ଲୋକମାନେ ଠିକ୍ ଭାବରେ ବୁଝିପାରୁନାହାନ୍ତି। ସୋସିଆଲ ମିଡିଆ ସତ କ'ଣ, ମିଛ କ'ଣ ସମସ୍ତଙ୍କୁ ଜଣାଇବାରେ କିଛି ଆବଶ୍ୟକତା ନାହିଁ। କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କରେ ଆମେରିକା, ୟୁରୋପ, ଇଂଲଣ୍ଡରେ ଆଲୋଚନା ଆରମ୍ଭ ହେଲାଣି। ଏଥିପାଇଁ ଆମମାନଙ୍କ ମଧ୍ୟରେ ମଧ୍ୟ ବ୍ୟାପକ ସଚେତନତା, ବିତର୍କ, ରାଜନୈତିକ ଓ ଗଣମାଧ୍ୟମସ୍ତରରେ ଆଲୋଚନା ହେବା ଉଚିତ। ତେବେ କୃତ୍ରିମ ବୁଦ୍ଧିମତ୍ତା ଭଲ ଭାବରେ ବ୍ୟବହାର ହେଲେ ଏହାଦ୍ୱାରା ଭଲ ସମାଜ ମଧ୍ୟ ଗଢ଼ି ହେବ ବୋଲି ଷଡ଼ଙ୍ଗୀ ପ୍ରକାଶ କରିଥିଲେ। ଅନ୍ୟତମ ସମ୍ମାନିତ ଆଲୋଚକ ଭାବେ ଯୋଗଦେଇ ବରିଷ୍ଠ ଖବରଦାତା ମନୋରଞ୍ଜନ ମିଶ୍ର କହିଲେ, କୃତ୍ରିମ ବୁଦ୍ଧିମତ୍ତା ମଣିଷ ତିଆରି ସଭ୍ୟତା ପ୍ରତି ବିପଦ ସୃଷ୍ଟି କରୁଛି। ଏହାର ଅନେକ ଭଲ ଦିଗ ମଧ୍ୟ ଅଛି। ବିଶେଷକରି ଶିକ୍ଷା କ୍ଷେତ୍ରରେ ଏହାର ଭଲ ପ୍ରଭାବ ରହିଛି। ଏଥିପାଇଁ ସମସ୍ତେ ସଚେତନ ହେବା ଉଚିତ। ଅନୁଷ୍ଠାନର ବୈଷୟିକ ପରାମର୍ଶଦାତା ଅଜିତ କୁମାର ଦାଶ କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ପାଥେୟ ପରିଷଦ ସଦସ୍ୟ ସୁଜିତ କୁମାର ମୁଦୁଲି ଧନ୍ୟବାଦ ପ୍ରଦାନ କରିଥିଲେ।

ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ସଂସଦ ସଭାପତି ବିଶିଷ୍ଟ ଗାଳ୍ପିକ ଡ. ଭବାନୀ ଶଙ୍କର ମିଶ୍ର ସଭାପତିତ୍ୱ କରିଥିଲେ। ସହ ସମ୍ପାଦକ ମନୋରଞ୍ଜନ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ କବି ଓ କଥାକାର ତଥା କେନ୍ଦ୍ର ସାହିତ୍ୟ ଏକାଡେମୀର ପ୍ରାକ୍ତନ ପଦାଧିକାରୀ ଡ. ମିହିର କୁମାର ସାହୁ କହିଲେ, ଓଡ଼ିଆ ଭାଷାକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ଆଗେଇ ଆସିଛନ୍ତି। ଆଜି ବିଜ୍ଞାନ ବେଗକୁ ବଢାଇଛି, କିନ୍ତୁ ଆବେଗକୁ କମାଇ ଦେଇଛି। ଏହାକୁ ପରଖିବାର କଳା ରହିଛି ସାହିତ୍ୟ ପାଖରେ। ସାହିତ୍ୟ ଆମ ଭିତରେ ଆବେଗ ଦିଏ। ମଣିଷକୁ ଦ୍ରଷ୍ଟା ଓ ସ୍ରଷ୍ଟା କରିବା ସାହିତ୍ୟର ଉଦ୍ଦେଶ୍ୟ। ସାହିତ୍ୟିକମାନେ ସମାଜର ଆଦର୍ଶ ଶିକ୍ଷକ ହୁଅନ୍ତୁ ବୋଲି ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ କିସ୍ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ସ୍କୁଲ ଅଫ୍ ଲାଙ୍ଗୁଏଜ୍ ଆଣ୍ଡ ଲିଟେଚରର ଡିନ୍ ପ୍ରଫେସର ଡ. ରଶ୍ମିତା ତ୍ରିପାଠୀ କହିଲେ, କୃତ୍ରିମ ବୁଦ୍ଧିମତ୍ତାର ଭଲ ପ୍ରଭାବ ସମ୍ପର୍କରେ ସମସ୍ତେ ସଚେତନ ହେବା ଉଚିତ। ଶିକ୍ଷା କ୍ଷେତ୍ରରେ ପିଲାମାନେ ଅଧିକ ଗବେଷଣା କରିବା ମଧ୍ୟ ଜରୁରୀ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଚଳିତବର୍ଷ ସାରସ୍ୱତ ସାହିତ୍ୟ ସମ୍ମାନ-୨୦୨୪ରେ ବିଶିଷ୍ଟ ସାହିତ୍ୟିକ ସାରଙ୍ଗଧର ମିଶ୍ର ଓ ହାସ୍ୟ ବିଦ୍ୟୁଷୀ ହାସ୍ୟ ବ୍ୟଙ୍ଗ ସମ୍ମାନ ୨୦୨୪ରେ ଡ. ରମାକାନ୍ତ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସାହିତ୍ୟିକ ରୁଦ୍ର ପ୍ରସାଦ ମହାନ୍ତିଙ୍କ ପ୍ରବନ୍ଧ ପୁସ୍ତକ 'ଜୀବନ ସଙ୍ଗୀତ' ଉନ୍ମୋଚିତ ହୋଇଥିଲା। ସଂସଦର ମୁଖପତ୍ର ସନ୍ଧ୍ୟାତାରାକୁ ଉନ୍ମୋଚନ କରାଯାଇଥିଲା। ସଂସଦ ଉପସଭାପତି ନିରଦାନନ୍ଦ ନନ୍ଦ ଧନ୍ୟବାଦ ପ୍ରଦାନ କରିଥିଲେ। ବିଭୂତି ଭୂଷଣ ବେହେରା, ଭ୍ରମରବର ହୋତା, ଜଗମୋହନ ମହାପାତ୍ର ଓ ନିବେଦିତା ତ୍ରିପାଠୀ ସହଯୋଗ କରିଥିଲେ। ଏହି ଅବସରରେ ଅପରାହ୍ନ ସାଢେ ୨ଟାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୫୫ଜଣ କବି କବିତା ପାଠ କରିଥିଲେ।

# ସଦର ବ୍ଲକସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ

ଢେଙ୍କାନାଳ,୪।୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ ସିମିଳିଆ ପ୍ରାଥମିକ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ବିଆର୍‌ସିସି ଦେବବ୍ରତ ନାଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସଦର ବିଇଓ ବ୍ରହ୍ମାନନ୍ଦ ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷାକୁ ପାଠ୍ୟ ପୁସ୍ତକ ମଧ୍ୟରେ ସୀମିତ ନ ରଖି ଦୈନନ୍ଦିନ ଜୀବନର ବ୍ୟବହାର ଓ ସହ ପାଠ୍ୟକ୍ରମକୁ ସମ୍ପ୍ରସାରିତ କରିପାରିଲେ ଓଡ଼ିଆ ଭାଷା ବୁଦ୍ଧିମନ୍ତ ହୋଇପାରିବ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ସିମିଳିଆ ପ୍ରାଥମିକ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଭ୍ରମରବର ବେହେରା, ଗଁଦିଆ ବ୍ଲକର ଅବସରପ୍ରାପ୍ତ ଏବିଇଓ ଜ୍ୟୋତିର୍ମୟୀ ନାଥ, ଏବିଇଓ ଶତ୍ରୁଘ୍ନ ଖଣ୍ଡା, କମିଟି ସଭାପତି ବିଷ୍ଣୁଚରଣ ସାହୁ, ଆଲୁମନି ସଭ୍ୟ ହିମାଂଶୁ ଶେଖର ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ଭାଷା, ସାହିତ୍ୟ, ଇତିହାସ, ସଂସ୍କୃତି ଓ ପରମ୍ପରାକୁ ନେଇ ବିତର୍କ, କୁଇଜ୍, ଚିତ୍ରାଙ୍କନ, ଚିତ୍ରକଳା, ହସ୍ତଶିଳ୍ପ ଓ ପ୍ରକଳ୍ପ ଆଦି ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପଦ୍ମଲୋଚନ ବେହେରା, ବିଜୟ ସାହୁ, କାଳନ୍ଦୀ ଦେବତା, ବବିତା ସାହୁ, ବିଛନ୍ଦ ବେହେରା ଓ କଳା ଶିକ୍ଷକ କୁଞ୍ଜ ବିହାରୀ ମିଶ୍ର, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ବିଚାରକ ଭାବେ ରହିଥିଲେ। ସମସ୍ତ ସିଆର୍‌ସିସି, ଶିକ୍ଷୟିତ୍ରୀ ନିରୁପମା ପତି, ଗୀତାଞ୍ଜଳି ପ୍ରଧାନ, ସରିତା ଦାସ, କମଳିନୀ ସାହୁ, ବିକାଶ ଜେନା, ବିଷ୍ଣୁ ମଲ୍ଲିକ ଓ ପ୍ରଭାତି ବେହେରା ପ୍ରମୁଖ ସହଯୋଗ କରିଥଲେ।



ସଦର ବ୍ଲକସ୍ତରୀୟ ଓଡ଼ିଆ ଭାଷା ସମ୍ମିଳନୀ।

# ଆମ୍ବପଡ଼ା ଶିଶୁମନ୍ଦିରର ବାର୍ଷିକ ଉତ୍ସବ

ଢେଙ୍କାନାଳ,୪।୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୁଳ ଆମ୍ବପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୨ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ସୁଧୀର କୁମାର ସାମଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ମୁଖ୍ୟବକ୍ତା ଭାବେ ଐରା ନିର୍ଦ୍ଦେଶକ ଡ. ସୁରେଶଚନ୍ଦ୍ର ପଣ୍ଡା, ଶିଶୁମନ୍ଦିର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ପଣ୍ଡା, ଉପସଭାପତି ଦିବାକର ପାତ୍ର ଓ ପ୍ରଧାନ ଆଚାର୍ଯ୍ୟା ଇରିନ ସ୍ୱାଇଁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ସୌଭାଗିନୀ ବେହେରା, ଜିଲା ପରିଷଦ ସଦସ୍ୟ ବିଶ୍ୱନାଥ ଚିନାରା ଓ ସମିତି ସଭ୍ୟ ସସ୍ମିତା ପରିଡା ଉପସ୍ଥିତ ଥିଲେ। ସଂକୁଳସ୍ତରୀୟ ଆୟୋଜିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ମନ୍ଦିରର ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରକାଶ ପଣ୍ଡା, ବୁଦ୍ଧିମନ୍ତ ସାହୁ, ଗୁକୁନା ପୃଷ୍ଟି, ସସ୍ମିତା ପାଣିଗ୍ରାହୀ, ପ୍ରିୟଦର୍ଶିନୀ ପାଢୀ, ମୌସୁମୀ ପାଢୀ, ଅନୁପମ ଚିନାରା, ରନିତା ମହାନ୍ତି, ବନସ୍ମିତା ସାମଲ, ରୀନା ସାହୁ, ନିବେଦିତା ଶତପଥୀ, ଜୟନ୍ତୀ ଶତପଥୀ, ସଞ୍ଜୁବାଳା ଚିନାରା ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।



ସରସ୍ୱତୀ ଶିଶୁମନ୍ଦିରର ବାର୍ଷିକ ଉତ୍ସବ ଅବସରରେ ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

# ଜଳିଗଲା ୪ ବଖରା

ଅନୁଗୋଳ, ୪।୨ (ଅମିତ କୁମାର ସାମଲ)

ଅନୁଗୋଳ ସଦର ଥାନା କାଙ୍ଗୁଲା ନୂଆସାହିରେ ଶର୍ଟସର୍କିଟ୍‌ରୁ ଅଗ୍ନିକାଣ୍ଡ ଘଟି ଅଜୟ ସାହୁ ଓ ବିଜୟ ସାହୁଙ୍କ ୪ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ଖବରପାଇ ଅନୁଗୋଳ ଅଗ୍ନିଶମ ବିଭାଗର ୨ଟି ଗାଡ଼ି ସହ ମୁଖ୍ୟ ଆଗ୍ନିକ ସୁକାନ୍ତ କୁମାର ନାଥ, ପ୍ରଦୀପ ନାୟକ, କାହ୍ନୁ ଚରଣ ବେହେରା, ସୁଧୀର କୁମାର ବେହେରା, ପ୍ରଶାନ୍ତ କୁମାର ସାହୁ, ରଞ୍ଜିତ ଦୀପ ପ୍ରମୁଖ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କ୍ଷୟକ୍ଷତିର ପରିମାଣ ୫ ଲକ୍ଷ ଟଙ୍କା ହେବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି।

# ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ଉଦ୍‌ଯାପିତ

ଅନୁଗୋଳ,୪।୨ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ନାଲ୍‌କୋନଗରସ୍ଥିତ ବିଜୁ ପଟ୍ଟନାୟକ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିସରରେ ଚାଲିଥିବା ଫୁଲ, ଫଳ ଓ ପନିପରିବା ପ୍ରଦର୍ଶନୀ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ନାଲ୍‌କୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମିୟ କୁମାର ସ୍ୱାଇଁ ଯୋଗ ଦେଇଥିବା ବେଳେ ସମସ୍ତ ଜିଜିଏମ୍ ଉପସ୍ଥିତ ଥିଲେ। ସମ୍ମାନିତ ଅତିଥି ଭାବେ ଉଦ୍ୟାନ ବିଭାଗ ଅଧିକାରୀ ଶୁଭେନ୍ଦୁ କୁମାର ନାୟକ, ଉଦ୍ୟାନ ବିଭାଗ ସିନିୟର ମ୍ୟାନେଜର ପ୍ରଦୀପ୍ତ କୁମାର ମଲ୍ଲିକ ଉପସ୍ଥିତ ଥିଲେ। ସବ୍ୟସାଚୀ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ନାଲ୍‌କୋନଗରର ସୁଧୀର କୁମାର ବେହେରା ଚାମ୍ପିୟନ ଓ ବି. ଆର.ପଟ୍ଟନାୟକ ରନର୍ସଅପ ହୋଇଥିଲେ। ଜିଏମ୍‌ଆର୍ କମଳାଙ୍ଗ ପ୍ରଥମ ସ୍ଥାନ, ଟାଟା ଷ୍ଟିଲ ମେରାମଣ୍ଡଳୀ ଦ୍ୱିତୀୟ ଓ ଜିନ୍ଦଲ ଷ୍ଟିଲ ପ୍ଲାଣ୍ଟ ଅନୁଗୋଳ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ।




# ମହିଳା ମହାବିଦ୍ୟାଳୟ ଛାତ୍ରୀଙ୍କ ସଫଳତା

କାମାକ୍ଷାନଗର,୪।୨ (ଅମଜାଦ ଖାନ)

କାମାକ୍ଷାନଗର ଡିଗ୍ରୀ ମହିଳା ମହାବିଦ୍ୟାଳୟର ଛାତ୍ରୀ କୀର୍ତ୍ତିତପା ସାହୁ ରାଜ୍ୟ ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲାରେ ସଙ୍ଗୀତରେ ପ୍ରଥମ ସ୍ଥାନ ଅଧିକାର କରି ସଫଳତା ହାସଲ କରିଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ତାଙ୍କୁ ୨୦ ହଜାର ଟଙ୍କାର ପୁରସ୍କାର ରାଶି ମଧ୍ୟ ପ୍ରଦାନ କରିଛନ୍ତି। ଛାତ୍ରୀ କୀର୍ତ୍ତିତପାଙ୍କ ଏହି ସଫଳତା ପାଇଁ ମହାବିଦ୍ୟାଳୟ ତରଫରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପ୍ରତିଭାର ବିକାଶ ହେଲେ ମାଟିର ବିକାଶ ହେବ ବୋଲି ଅଧ୍ୟକ୍ଷା ବନ୍ଦିତା ମହାନ୍ତି କହିଛନ୍ତି। ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ କୀର୍ତ୍ତିତପାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ପରମହଂସପୁର ପ୍ରିମିଅର୍ ଲିଗ୍ ଉଦ୍‌ଘାଟିତ



ପରଜଙ୍ଗ,୪।୨ (ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ କୁଆଲୋ ପଞ୍ଚାୟତ ପରମହଂସପୁର ଗ୍ରାମରେ ପରମହଂସପୁର ପ୍ରୀମିଅର୍ ଲିଗ୍ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୫ ଗୋଟି ଟିମ୍ ତାରିଣୀ ସୁପର ସିକ୍ସର, ୧୮ ସୁପର ଷ୍ଟ୍ରାଇକର୍ସ, ମା' ମହାଲକ୍ଷ୍ମୀ ୧୧ ଷ୍ଟାର, ଏଫବି ସୁପର କିଙ୍ଗସ ଏବଂ ଆୟୁଷ ହାପିଡେଣ୍ଟ ଅଂଶଗ୍ରହଣ କରିଛନ୍ତି। ୭ ଦିନ ଆଗରୁ ଏଥିପାଇଁ ଖେଳାଳି ନିଲାମ କରାଯାଇଥିଲା। ପ୍ରତ୍ୟେକ ଟିମ୍ ମାଲିକଙ୍କୁ ୧୦୦୦ ଟଙ୍କାର ଲିମିଟ ଦିଆଯାଇଥିଲା। ପରମହଂସପୁର ଗ୍ରାମ ସଭାପତି ପଦ୍ମଲୋଚନ ସାହୁ ଏହକୁ ଉଦ୍‌ଘାଟନ କରିଥିଲେ। ରବିବାର ଉଦ୍‌ଘାଟନୀ ଦିବସରେ ୩ ଗୋଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚରେ ଏଫବି ସୁପର କିଙ୍ଗସକୁ ହରାଇ ୧୮ ସୁପର ଷ୍ଟ୍ରାଇକର୍ସ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚରେ ତାରିଣୀ ସୁପର ସିକ୍ସରକୁ ପରାସ୍ତ କରି ଆୟୁଷ ହାପିଡେଣ୍ଟ ବିଜୟୀ ହୋଇଥିଲା। ତୃତୀୟ ମ୍ୟାଚରେ ଏଫବି ସୁପର କିଙ୍ଗସକୁ ହରାଇ ମା ମହାଲକ୍ଷ୍ମୀ ୧୧ ଷ୍ଟାର ବିଜୟୀ ହୋଇଥିଲା।

# ସେତୁ ନିର୍ମାଣର ଭିତ୍ତିପ୍ରସ୍ତର

ଭୁବନ,୪।୧(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକର ୩ଟି ସ୍ଥାନରେ ପୋଲ ନିର୍ମାଣ ପାଇଁ ରବିବାର ରାଜ୍ୟ ଖଣି ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ବ୍ଲକର ବାରୁଆଁ (ବି) ପଞ୍ଚାୟତର ଧନେଇ ନାଳ, ମୁରୁଗା ଗ୍ରାମର ନାଳ ଓ ନୀଳକଣ୍ଠପୁର ଗ୍ରାମର ରଙ୍ଗମାଟିଆ ନାଳ ଉପରେ ପୋଲ ନିର୍ମାଣ ପାଇଁ ମନ୍ତ୍ରୀ ଶୁଭ ଦେଇଥିଲେ। ଏହି ନାଳଗୁଡ଼ିକ ଉପରେ ପୋଲ ନିର୍ମାଣ ପାଇଁ ଅଞ୍ଚଳର ଚାଷୀମାନେ ସରକାରଙ୍କ ନିକଟରେ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ। ଏହି ନିର୍ମାଣ କାର୍ଯ୍ୟ ପାଇଁ ୧୧ କୋଟି ଟଙ୍କା ଖର୍ଚ୍ଚ ହେବ। ବର୍ଷେ ମଧ୍ୟରେ ଏହି କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଅଞ୍ଚଳର ସମସ୍ତ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧି ଉପସ୍ଥିତ ଥିଲେ।



# ସାମାଜିକ, ଆଧ୍ୟାତ୍ମିକ ସେବାକୁ ବ୍ୟାପକ କର

ଢେଙ୍କାନାଳ,୪।୨(ରତନ ନାୟାର)

ଢେଙ୍କାନାଳ ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟର ଏକ ବୈଠକ ସହରସ୍ଥିତ ସିମିଳିଆଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନ ଅଧ୍ୟକ୍ଷ ଶିବ ପ୍ରସାଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ବୈଠକରେ ଚଳିତବର୍ଷ ବିଭିନ୍ନ ସାମାଜିକ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ରକ୍ତଦାନ ଶିବିର, ଜଳଛତ୍ର, ନାରାୟଣ ସେବା, ଜୀବେଦୟା ସେବା, ବୋଲବମ ସେବା, ପାରାୟଣ ଓ ସତ୍ୟ ନାରାୟଣ ପୂଜା, ରଥଯାତ୍ରାରେ ମଧୁରଜଳ ବିତରଣ, ହେରାପଞ୍ଚମୀରେ ପ୍ରସାଦ ବିତରଣ, ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯିବା ଉପରେ ଆଲୋଚନା ହୋଇଥିଲା। ଏହାପରେ ଗୀତ, ମ୍ୟୁଜିକ ଚେୟାର ଓ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ସଭାପତି ଅଜୟ ସାହୁ ସୂଚନା ଦେଇଛନ୍ତି। ଅମରେନ୍ଦ୍ର ଖୁଣ୍ଟିଆ, ଅମରେନ୍ଦ୍ର ସାହୁ, ସୁବୋଧ ସିଂ ଓ ଗୀତା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ସାଇ ସତ୍‌ସଙ୍ଗ ସେବା ଟ୍ରଷ୍ଟର ବୈଠକରେ କର୍ମକର୍ତ୍ତାମାନେ।

# ବନ୍ଧୁମିଳନ ଆଳରେ କାର୍ତ୍ତିକଙ୍କ ଶକ୍ତି ପ୍ରଦର୍ଶନ

କାମାକ୍ଷାନଗର,୪।୨ (ଅମଜାଦ ଖାନ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଯାତ୍ରା ପଡିଆଠାରେ ରବିବାର ବିଜେଡି ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ନେତୃତ୍ୱରେ ପରଜଙ୍ଗ ନିର୍ବାଚନମଣ୍ଡଳୀ ବିଜୁ ଜନତା ଦଳର ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ବାଚନମଣ୍ଡଳୀ ଅଧୀନ ୫୬ ପଞ୍ଚାୟତର ବିଜେଡି ନେତା ଓ ୮ ହଜାରରୁ ଅଧିକ କର୍ମୀ ଉପସ୍ଥିତ ଥିଲେ। ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଙ୍ଗଠନକୁ ଅଧିକ ମଜଭୁତ କରିବା ପାଇଁ ଏଥିରେ ନେତା ଓ କର୍ମୀମାନେ ସଂକଳ୍ପ ନେଇଥିଲେ। ତେବେ ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆଳରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସାହୁ ନିଜର ଶକ୍ତି ପ୍ରଦର୍ଶନ କରିଥିବା କୁହାଯାଉଛି। କାରଣ ପରଜଙ୍ଗ ବିଧାନସଭା ନିର୍ବାଚନମଣ୍ଡଳୀରୁ ଏଥର ବିଜେଡି ଟିକେଟ୍ ପାଇଁ ସେ ଅନ୍ୟତମ ଆଶାୟୀ ବୋଲି କର୍ମୀ ମହଲରେ ଚର୍ଚ୍ଚା ହେଉଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ରାଜେଶ କୁମାର ଦେହୁରୀ ଅଧ୍ୟକ୍ଷତା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷା ଦୀପା ସାହୁ, ପୂର୍ବତନ ଉପାଧ୍ୟକ୍ଷା ଲକ୍ଷ୍ମୀ ମହାନ୍ତ, ଜିଲା ଯୁବ ସମ୍ପାଦକ ଦେବବ୍ରତ ସାହୁ, ସମିତି ସଭ୍ୟ ଲକ୍ଷ୍ମୀ ହେମ୍ବ୍ରମ, ଜୟନ୍ତୀ ସିଂ, ହୀରା ମୁଣ୍ଡା, କବିବର ସିଂହ, ସୁକାନ୍ତି ପାତ୍ର, ପୂର୍ବତନ ସରପଞ୍ଚ ପାହାନ୍ତି ପାତ୍ର, ମୁକ୍ତାପଣି ପୂର୍ବତନ ସରପଞ୍ଚ ତଥା ସୋସାଇଟି ସମ୍ପାଦକ ଭୋଲେଶ୍ୱର ସେଠୀ, ବରିଷ୍ଠ ନେତା ପ୍ରଭାକର ଗଡ଼ନାୟକ, ବ୍ରଜବନ୍ଧୁ ସାହୁ, ବାଙ୍କନିଧି ବେହେରା, କମଳ ଲୋଚନ ଦାସ, ଜୟନ୍ତ ମହାନ୍ତ, ଶାନ୍ତନୁ ପଣ୍ଡା, ପ୍ରକାଶ ବିଶ୍ୱାଳ, ବାବୁଲି ପିଙ୍ଗୁଆ, ସୁଜିତ ପଣ୍ଡା, ପତିତପାବନ ପାଳ, ପାଣ୍ଡ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାନନ ମହାନ୍ତ ସଭା ପରିଚାଳନା କରିଥିଲେ।




ବିଜେଡିର ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁଙ୍କ ସମେତ ଅନ୍ୟ ନେତୃବୃନ୍ଦ।

